# ପୁରୁଷ, ନାରୀ ଓ ପବିତ୍ର ଧର୍ମଶାସ୍ତ୍ରୀୟ ସମାନତା

CBE INTERNATIONAL

## ଧର୍ମଶାସ୍ତ୍ରୀୟ ସମାନତାକୁ ସମର୍ଥନ କରୁଥିବା ଖ୍ରୀଷ୍ଟ ବିଶ୍ୱାସୀ

ସୃଷ୍ଟି ଓ ମନୁଷ୍ୟର ପରିତ୍ରାଣ ସମ୍ବନ୍ଧରେ ଧର୍ମଶାସ୍ତ୍ର ପୁରୁଷ ଓ ନାରୀଙ୍କର ସମ୍ପୂର୍ଣ୍ଣ ସମାନତା ବିଷୟରେ ଶିକ୍ଷା ଦିଏ (ଆଦି 1:26-28, 2:23, 5:1-2; 1 କର. 11:11-12; ଗାଲା. 3:13, 28, 5:1) ।

ବାଇବଲ ଶିକ୍ଷା ଦିଏ ଯେ ପରମେଶ୍ୱର ନିଜକୁ ପବିତ୍ର ଧର୍ମଶାସ୍ତ୍ରରେ ପ୍ରକାଶ କଲେ ଯାହା କି ପରମେଶ୍ୱରଙ୍କ ଅଧିକାରାଧୀନ ବାକ୍ୟ (ମାଥି. 5:18; ଯୋହନ 10:35; 2 ତିମୋ. 3:16; 2 ପିତ. 1:20-21) । ଆମ୍ଭେମାନେ ବିଶ୍ୱାସ କରୁ ଯେ ପବିତ୍ର ଧର୍ମଶାସ୍ତ୍ରକୁ ବୁଝିବାକୁ ହେଲେ ଏହାର ସମ୍ପୂର୍ଣ୍ଣ ବିଶ୍ଳେଷଣ ଓ ବିଷୟବସ୍ତୁକୁ ପ୍ରାଧାନ୍ୟ ଦେଇ ଧର୍ମଶାସ୍ତ୍ରକୁ ବ୍ୟାଖ୍ୟା କରିବା ଆବଶ୍ୟକ । ଏହା ଆମ୍ଭେମାନେ ଜାଣୁ ଯେ ଈଶ୍ୱରଙ୍କ ପ୍ରେରଣା ଓ ପବିତ୍ର ଧର୍ମଶାସ୍ତ୍ର ବିଷୟକ ବ୍ୟାଖ୍ୟାର ପ୍ରଭେଦ ଜାଣିବା ଆବଶ୍ୟକ : ପରମେଶ୍ୱରଙ୍କ ପ୍ରେରଣା ଆଧ୍ୟାତ୍ମିକ ଉତ୍ତେଜନା ଓ ନିୟନ୍ତ୍ରଣ ସହିତ ଜଡ଼ିତ ଯାହା ପ୍ରକାଶ କରେ ଯେ ପବିତ୍ର ଧର୍ମଶାସ୍ତ୍ର ପରମେଶ୍ୱରଙ୍କ ମୁଖ ନିର୍ଗତ ବାକ୍ୟ; ପବିତ୍ର ଧର୍ମଶାସ୍ତ୍ର ବିଷୟକ ବ୍ୟାଖ୍ୟା ଏକ ମାନବୀୟ କାର୍ଯ୍ୟ, ଯାହାଦ୍ୱାରା ପବିତ୍ର ବାକ୍ୟର ସତ୍ୟ କିପରି ଏକ ଆରେକ ସହିତ ଜଡ଼ିତ ଓ ପବିତ୍ରାତ୍ମାଙ୍କ ଦ୍ୱାରା ପରିଚାଳିତ ତାହା ପ୍ରକାଶ କରେ । ପ୍ରକୃତ ଧର୍ମଶାସ୍ତ୍ରୀୟ ହେବାକୁ ହେଲେ ଖ୍ରୀଷ୍ଟ ବିଶ୍ୱାସୀମାନଙ୍କୁ ନିରନ୍ତର ନିଜ ଧର୍ମ ବିଶ୍ୱାସ ଓ ବ୍ୟବହାରରେ ପ୍ରକାଶ ପାଉଅଛି କି ନାହିଁ ତାହା ଧର୍ମଶାସ୍ତ୍ରର ଦୃଷ୍ଟିକୋଣରେ ପରୀକ୍ଷା କରିବା ଆବଶ୍ୟକ ।

## ପବିତ୍ର ଧର୍ମଶାସ୍ତ୍ରୀୟ ସତ୍ୟ

### ସୃଷ୍ଟି

୧. ବାଇବଲ ଶିକ୍ଷା ଦିଏ ଯେ ଉଭୟ ପୁରୁଷ ଓ ନାରୀ ପରମେଶ୍ୱରଙ୍କ ଆକୃତିରେ ନିର୍ମିତ, ସେମାନଙ୍କର ପରମେଶ୍ୱରଙ୍କ ସହିତ ସିଧାସଳଖ ସମ୍ପର୍କ ରହିଥିଲା ଓ ସେମାନେ ଉଭୟେ ମିଳିତ ଭାବେ ସନ୍ତାନ ପରିପୋଷଣ ଓ ସୃଷ୍ଟି ଉପରେ କର୍ତ୍ତୃତ୍ୱ କରିବାର ଅଧିକାର ପ୍ରାପ୍ତ ହେଲେ (ଆଦି 1:26-28) ।

୨. ବାଇବଲ ଶିକ୍ଷା ଦିଏ ଯେ ପୁରୁଷ ଓ ନାରୀ ସମ୍ପୂର୍ଣ୍ଣ ଓ ସମାନ ଅଧିକାରର ଦାୟିତ୍ୱ ମିଳିତ ଭାବରେ ପ୍ରାପ୍ତ ହୋଇଥିଲେ । ଆଦିପୁସ୍ତକ 2:18 ପଦରେ ନାରୀ ପାଇଁ ବ୍ୟବହାର ହୋଇଥିବା 'ସହାୟକ' (ଏଜେର) ଶବ୍ଦ ପୁରାତନ ନିୟମରେ ବିଭିନ୍ନ ସ୍ଥାନରେ ପରବେଶ୍ୱରଙ୍କ ସହାୟତାକୁ ନିର୍ଦ୍ଦେଶ କରେ (1 ଶାମୁ. 7:12; ଗୀତ. 121:1-2) । ଫଳସ୍ୱରୂପ ଏହି ଶବ୍ଦ ନାରୀମାନଙ୍କର ଅଧୀନତା କିମ୍ବା ସେମାନେ ଯେ ନିମ୍ନସ୍ତରର ମଣିଷ ତାହା ବୁଝାଏ ନାହିଁ ।

୩. ବାଇବଲ ଶିକ୍ଷା ଦିଏ ଯେ ପୁରୁଷ ଠାରୁ ନାରୀର ଉତ୍ପତ୍ତି ମନୁଷ୍ୟ ଜାତିର ଏକତା ଓ ସମାନତାର ମୂଳଦୁଆ (ଆଦି 2:21-23) । ଆଦି ପୁସ୍ତକ 2:18, 20 ପଦରେ ବ୍ୟବହାର ହୋଇଥିବା 'ଉପଯୁକ୍ତ' (କେନେଗଡ଼ୋ) ଶବ୍ଦ ସମାନତା ଓ ପର୍ଯ୍ୟାପ୍ତତାକୁ ବୁଝାଏ ।

୪. ବାଇବଲ ଶିକ୍ଷା ଦିଏ ଯେ ପୁରୁଷ ଓ ନାରୀ ଉଭୟେ ପତନର ଯୁଗ୍ମ ଭାଗିଦାରୀ : 'ଆଦମ', 'ହବା'ର ତୁଳନାରେ କମ୍ ଭାଗିଦାରୀ ନଥିଲା (ଆଦି 3:6; ରୋମୀ. 5:12-21; 1 କର. 15:21-22) ।

୫. ବାଇବଲ ଶିକ୍ଷା ଦିଏ ଯେ ହବା ଉପରେ ଆଦମର କର୍ତ୍ତୃତ୍ୱର ଅଧିକାର ମନୁଷ୍ୟ ପତନର ପରିଣାମ ଅଟେ ଏବଂ ସେଥିପାଇଁ ଏହା ସୃଷ୍ଟିର ପ୍ରାରମ୍ଭ ବ୍ୟବସ୍ଥାର ଅନ୍ତର୍ଭୁକ୍ତ ନୁହେଁ । ଆଦିପୁସ୍ତକ 3:16 ମନୁଷ୍ୟର ପତନର ଫଳାଫଳର ପୂର୍ବାଭାଷ ଅଟେ, ମାତ୍ର ସୃଷ୍ଟିର ପ୍ରାରମ୍ଭରୁ ପରମେଶ୍ୱର ଏହିପରି ଆଜ୍ଞା ଦେଇ ନଥିଲେ ।

### ପରିତ୍ରାଣ

୬. ବାଇବଲ ଶିକ୍ଷା ଦିଏ ଯେ ଯୀଶୁଖ୍ରୀଷ୍ଟ କେବଳ ଯେ ପୁରୁଷମାନଙ୍କର ପରିତ୍ରାଣ ନିମନ୍ତେ ନୁହେଁ କିନ୍ତୁ ନାରୀମାନଙ୍କୁ ମଧ୍ୟ ପରିତ୍ରାଣ ଦେବା ନିମନ୍ତେ ଆସିଥିଲେ । ଖ୍ରୀଷ୍ଟଙ୍କ ଠାରେ ବିଶ୍ୱାସ କରିବା ଦ୍ୱାରା ଆମ୍ଭେମାନେ ସମସ୍ତେ ପରମେଶ୍ୱରଙ୍କ ସନ୍ତାନ ହେବାର ଅଧିକାର ପାଇଥାଉ, ଖ୍ରୀଷ୍ଟଙ୍କ ଠାରେ ଏକ ହୋଇଥାଉ ଏବଂ କୌଣସି ଜାତୀୟ, ସାମାଜିକ ବା ଲିଙ୍ଗର ଭେଦଭାବ ବିନା ପରିତ୍ରାଣର ଆଶୀର୍ବାଦର ଅଧିକାରୀ ହୋଇଥାଉ (ଯୋହ. 1:12-13; ରୋମୀ. 8:14-17; 2 କର. 5:17; ଗାଲା. 3:26-28)।

### ସମାଜ

୭. ବାଇବଲ ଶିକ୍ଷା ଦିଏ ଯେ ପେଣ୍ଟିକଷ୍ଟ ଦିନ ଉଭୟ ପୁରୁଷ ଓ ନାରୀଙ୍କ ଉପରେ ପବିତ୍ର ଆତ୍ମା ଅବସ୍ଥାନ କରିଥିଲେ । ବିନା କୌଣସି ଭେଦଭାବ ରଖି ପବିତ୍ର ଆତ୍ମା ଉଭୟ ପୁରୁଷ ଓ ନାରୀଙ୍କ ଠାରେ ନିବାସ କରନ୍ତି ଏବଂ ବିନା କୌଣସି ଲିଙ୍ଗର ଭେଦଭାବରେ ଆତ୍ମିକ ଗୁଣଦାନ କରିଥାନ୍ତି (ପ୍ରେରି. 2:1-21; 1 କର. 12:7, 11; 14:31) ।

୮. ବାଇବଲ ଶିକ୍ଷା ଦିଏ ଯେ ଉଭୟ ନାରୀ ଓ ପୁରୁଷ ତାଙ୍କର ପ୍ରାପ୍ତ ହୋଇଥିବା ଆତ୍ମିକଦାନ ଗୁଡ଼ିକୁ ବୃଦ୍ଧି ଓ ଉପଯୋଗ କରିବା ପାଇଁ ଓ ପରମେଶ୍ୱରଙ୍କ ଅନୁଗ୍ରହର ଭଣ୍ଡାରଘରିଆ ନିମନ୍ତେ ତାହା ବ୍ୟବହାର କରିବା ପାଇଁ ଆହ୍ୱାନ ପ୍ରାପ୍ତ (1 ପିତ. 4:10-11) । ଉଭୟ ନାରୀ ଓ ପୁରୁଷ ଆତ୍ମିକ ଦାନ ପ୍ରାପ୍ତ ଏବଂ ଖ୍ରୀଷ୍ଟଙ୍କ ସମ୍ପୂର୍ଣ୍ଣ ଶରୀରର (ମଣ୍ଡଳୀ) ସେବା କରିବା ନିମନ୍ତେ ତାହାଙ୍କ ଅଧିକାର ଦ୍ୱାରା ଅଧିକାର ପ୍ରାପ୍ତ (ପ୍ରେରି. 1:14, 18:26, 21:9; ରୋମୀ 16:1-7, 12-13, 15; ଫିଲି 4:2-3; କଲ. 4:15; ପୁନର୍ବାର ଦେଖନ୍ତୁ ମାର୍କ 15:40-41; 16:1-7; ଲୂକ 8:1-3; ଯୋହ. 20:17-18; ପୁରାତନ ନିୟମର ଉଦାହରଣମାନଙ୍କ ସହିତ ମଧ୍ୟ ତୁଳନା କରି ଦେଖନ୍ତୁ ବିଚାର. 4:4-14, 5:7; 2 ବଂଶା. 34:22-28; ଉପ. 31:30-21; ମୀଖା 6:4) ।

୯. ବାଇବଲ ଶିକ୍ଷା ଦିଏ ଯେ ନୂତନ ନିୟମରେ ନାରୀ ତଥା ପୁରୁଷ ଉଭୟେ ଭବିଷ୍ୟତବାଣୀ କହୁଥିଲେ ଏବଂ ପୌରହିତ୍ୟ ଓ ରାଜକୀୟ କାର୍ଯ୍ୟ କରୁଥିଲେ (ପ୍ରେରି. 2:17-18, 21:9; 1 କର. 11:5; ପିତର. 2:9-10; ପ୍ରକା.ବା. 1:6, 5:10)। ସେଥିପାଇଁ କିଛି ପଦ ଯାହା ନାରୀମାନଙ୍କ ଉପରେ ବିଭିନ୍ନ ପ୍ରକାରର ନୀତି ନିୟମର ବନ୍ଧନରେ ବାନ୍ଧି ରଖେ ଓ ସେମାନଙ୍କ ସମ୍ପୂର୍ଣ୍ଣ ପରିତ୍ରାଣର ମୁକ୍ତି ଦେବାରେ ବାଧା ସୃଷ୍ଟି କରେ, ସେହି ପଦମାନ ପବିତ୍ର ଶାସ୍ତ୍ରର ଅନ୍ୟ ପଦ ସହିତ ମେଳ ହେଉ ନଥିବା ଯୋଗୁଁ ଏହି ପ୍ରକାର ପଦ ବ୍ୟାଖ୍ୟା କରିବା ସମୟରେ ଶାସ୍ତ୍ରର ବିସ୍ତୃତ ଶିକ୍ଷା ଓ ଉକ୍ତ ଲେଖାର ପୃଷ୍ଠଭୂମିକୁ ଦୃଷ୍ଟିରେ ରଖି ବ୍ୟାଖ୍ୟା କରିବା ଆବଶ୍ୟକ (1 କର. 11:2-16, 14:33-36; 1 ତିମୋ. 2:9-15) ।

୧୦. ବାଇବଲରେ ନେତୃତ୍ୱର ପରିଭାଷା ଅନ୍ୟକୁ ସେବା କାର୍ଯ୍ୟ ପାଇଁ ଉତ୍ସାହ ପ୍ରଦାନ କରେ ନା କି ସେମାନଙ୍କ ଉପରେ ଅଧିକାରର ଚାପ ପକାଏ (ମାଥି. 20:25-28, 23:8; ମାର୍କ 10:42-45; ଯୋହ. 13:13-17; ଗାଲା. 5:13; 1 ପିତ. 5:2-3) ।

## ପରିବାର

୧୧. ବାଇବଲ ଶିକ୍ଷା ଦିଏ ଯେ ସ୍ୱାମୀମାନେ ଓ ତାଙ୍କ ସ୍ତ୍ରୀମାନେ ଉଭୟେ ମିଳିତ ଭାବେ ଜୀବନର ଅନୁଗ୍ରହ ପ୍ରାପ୍ତ ହୋଇଛନ୍ତି ଏବଂ ଏକ ଆରେକ ସହିତ ପରସ୍ପର ପ୍ରତି ସମର୍ପଣ ଓ ଦାୟିତ୍ୱ ନେବାର ବନ୍ଧନରେ ଜଡ଼ିତ (1 କର. 7:3-5; ଏଫି. 5:21; 1 ପିତ. 3:1-7; ଆଦି. 21:12) । ସ୍ୱାମୀମାନେ ସ୍ତ୍ରୀମାନଙ୍କର 'ମସ୍ତକ' (କେଫାଲେ) ହେବାର ଅର୍ଥ ଏହି ସମ୍ବନ୍ଧ ମଧ୍ୟରେ ପ୍ରେମ ଓ ସେବା ସ୍ୱଇଚ୍ଛାରେ ସମର୍ପିତ କରିବା (ଏଫି. 5:21-33, କଲ. 3:19; 1 ପିତ. 3:7) ।

୧୨. ବାଇବଲ ଉଭୟ ମାତା ଓ ପିତାମାନଙ୍କୁ ନିଜ ସନ୍ତାନମାନଙ୍କର ପୋଷଣ, ପ୍ରଶିକ୍ଷଣ, ଅନୁଶାସନ ଓ ଶିକ୍ଷାର ନେତୃତ୍ୱ ବହନ କରିବାର ଶିକ୍ଷା ଦିଏ (ଯାତ୍ରା. 20:12; ଲେବୀ. 19:3; ଦ୍ୱି.ବିବ. 6:6-9, 21:18-21, 27:16; ଉପ. 1:8, 6:20; ଏଫି. 6:1-4; କଲ. 3:20; 2 ତିମୋ. 1:5; ଆହୁରି ଦେଖନ୍ତୁ ଲୁକ 2:51) ।

## ଶିକ୍ଷା ଆହରଣ

## ସମାଜ

୧. ମଣ୍ଡଳୀ ପୁରୁଷ ଓ ନାରୀ ଉଭୟଙ୍କର ଆତ୍ମିକ ଦାନ ଗୁଡ଼ିକୁ ଚିହ୍ନଟ କରି ତାହାର ବୃଦ୍ଧି ଓ ବ୍ୟବହାର କିପରି ପ୍ରତ୍ୟେକ ସ୍ତରରେ ପରମେଶ୍ୱରଙ୍କ ସେବା ଓ ଶିକ୍ଷାରେ ବିନିଯୋଗ କରାଯାଇପାରିବ ସେଥିପ୍ରତି ଦୃଷ୍ଟି ଦେବା ଆବଶ୍ୟକ : ଯଥା ଛୋଟ ଛୋଟ ଦଳର ନେତୃତ୍ୱ, ପରାମର୍ଶଦାତା, ସହାୟକ, ପରିଚାଳକ, ମାର୍ଗଦର୍ଶକ, ପ୍ରଭୁଭୋଜ ପ୍ରଦାନରେ ସହାୟକ, ପ୍ରାଚୀନ ଏବଂ ପାଳକୀୟ ସେବା ଯଥା ପ୍ରଚାର କରିବା, ଶିକ୍ଷା ଦେବା ଓ ଆରାଧନା ପରିଚାଳନା କରିବାର ନେତୃତ୍ୱ ନେବା ।

ଏହା କରିବା ଦ୍ୱାରା ମଣ୍ଡଳୀ ପରମେଶ୍ୱରଙ୍କୁ ସମସ୍ତ ଆତ୍ମିକ ଜ୍ଞାନର ସ୍ରୋତ ଭାବରେ ସମ୍ମାନ କରିପାରିବ । ପୁର୍ନବାର ଏହା କରିବା ଦ୍ୱାରା ପରମେଶ୍ୱରଙ୍କ ଦତ୍ତ ଭଣ୍ଡାରଘରିଆର ଉପଯୁକ୍ତ ରକ୍ଷଣାବେକ୍ଷଣ କରିପାରିବାରେ ବାଦ୍ ପଡ଼ିଥିବା ଅର୍ଦ୍ଧେକ ଭଣ୍ଡାରଘରିଆଙ୍କୁ ବ୍ୟବହାର କରି ବିନାବାଧାରେ ମଣ୍ଡଳୀ ପରମେଶ୍ୱରଙ୍କ ରାଜ୍ୟରେ ହେଉଥିବା ଭୟଙ୍କାର କ୍ଷତିକୁ ରକ୍ଷା କରିପାରିବ ।

୨. ମଣ୍ଡଳୀରେ ସେବା ଓ ନେତୃତ୍ୱ ଆତ୍ମିକ ଦାନ ପ୍ରାପ୍ତ ଉଭୟ ପୁରୁଷ ଓ ନାରୀଙ୍କୁ ସାମୁହିକ ମାନ୍ୟତା ଦେବା ଆବଶ୍ୟକ । ଏହା କରିବା ଦ୍ୱାରା ମଣ୍ଡଳୀ ସମାଜରେ ଏକତା ଓ ସମାନତାର ଉଦାହରଣ ସ୍ୱରୂପ ହୋଇପାରିବ ଯାହା କି ଖ୍ରୀଷ୍ଟ ବିଶ୍ୱାସୀଙ୍କ ସମାଜର ଚିହ୍ନ ଅଟେ । ଏହି ଜଗତ ଯାହା କି ଭେଦଭାବ ଓ ବୈରୀଭାବରେ କ୍ଷତିଗ୍ରସ୍ତ, ଯେଉଁମାନେ ମହିଳାମାନଙ୍କୁ ନିମ୍ନସ୍ତରର ଭାବେ ଗଣନା କରନ୍ତି, ମଣ୍ଡଳୀ ଏ ପ୍ରକାର ବିଚ୍ଛିନ୍ନତାରୁ ନିଜକୁ ପୃଥକ୍ ରଖି ଜାଗତିକ ନୀତି ନିୟମରୁ ନିଜକୁ ଭିନ୍ନ କରିପାରିବ । ଏହା କରିବା ଦ୍ୱାରା, ଭେଦଭାବ ଦ୍ୱାରା ଆହତ ପ୍ରାପ୍ତ ସଦସ୍ୟମାନଙ୍କୁ ମଣ୍ଡଳୀରୁ କିମ୍ବା ଖ୍ରୀଷ୍ଟ ବିଶ୍ୱାସରୁ ବିଚ୍ଛିନ୍ନ ହେବା ଠାରୁ ରକ୍ଷା କରାଯାଇପାରିବ ।

## ପରିବାର

୩. ଖ୍ରୀଷ୍ଟିୟ ପରିବାରରେ ସ୍ୱାମୀ ଓ ସ୍ତ୍ରୀ ନିଜ ଇଚ୍ଛା ଓ ଆକାଂକ୍ଷାକୁ ଗୁରୁତ୍ୱ ନ ଦେଇ ଏକ ଆରେକର ଇଚ୍ଛା ଓ ଆକାଂକ୍ଷା ପ୍ରତି ଦୃଷ୍ଟି ଦେବା ଆବଶ୍ୟକ । ସ୍ୱାମୀ–ସ୍ତ୍ରୀ କେହି ମଧ୍ୟ କାହା ଉପରେ ଅଧିକାରର ଚାପ ନ ପକାଇ ଏକ ଆରେକର ସେବକ ଭାବେ ବ୍ୟବହାର କରିବା ଆବଶ୍ୟକ । ପ୍ରତ୍ୟେକଙ୍କୁ ନମ୍ରତାରେ ନିଜ ନିଜ ଇଚ୍ଛା ବ୍ୟକ୍ତ କରି ଅନ୍ୟକୁ ନିଜ ଠାରୁ ଉତ୍ତମ ବିବେଚନା କରିବା ଉଚିତ୍ । କୌଣସି ବିଷୟରେ ନିର୍ଣ୍ଣୟ ନେବାରେ କଠିଣ ପରିସ୍ଥିତି ସୃଷ୍ଟି ହେଲେ, ନିଜର ନିର୍ଣ୍ଣୟ ଅନ୍ୟକୁ ମାନିବାକୁ ବାଧ୍ୟ ନ କରି ବାଇବଲକୁ ଆଧାର କରି ନିଷ୍ପତ୍ତି ନେବା ଉଚିତ୍ ।

ଏହା କରିବା ଦ୍ୱାରା ସ୍ୱାମୀ ଓ ସ୍ତ୍ରୀ ଖ୍ରୀଷ୍ଟିୟ ପରିବାର ଭାବରେ କୌଣସି ଏକ ଦମ୍ପତ୍ତିଙ୍କ ଶକ୍ତି ଓ ଅଧିକାରର ଦୁରୁପଯୋଗରୁ ତଥା ସ୍ତ୍ରୀ ଓ ସନ୍ତାନମାନଙ୍କ ପ୍ରତି ହେଉଥିବା ପାରିବାରିକ ନିର୍ଯ୍ୟାତନା ଯାହା କି ସମୟ ସମୟରେ ପିତୃ କେନ୍ଦ୍ରୀକ ପରିବାରରେ ଦେଖା ଦେଇଥାଏ, ସେ ପ୍ରକାରର ପରିସ୍ଥିତିରୁ ପରିବାରକୁ ରକ୍ଷା କରିପାରିବେ ।

୪. ଖ୍ରୀଷ୍ଟିୟ ପରିବାରରେ ସ୍ୱାମୀ–ସ୍ତ୍ରୀ ଶିକ୍ଷା କରିବା ଉଚିତ ଯେ ଦାୟିତ୍ୱ ଓ ନେତୃତ୍ୱ ନିଜ ନିଜ ଦାନ, କୌଶଳ ଓ ରୁଚି ଅନୁସାରେ ବଣ୍ଟନ କରିବେ ଯେଉଁଥିରେ ସହ ଦମ୍ପତ୍ତିଙ୍କ ସମର୍ଥନ ରହିଥିବ । ଏହା କରିବା ଦ୍ୱାରା ସ୍ୱାମୀ–ସ୍ତ୍ରୀ ଏକ ଆରେକର ଗୁଣ ଓ କ୍ଷମତା ଜାଣିପାରିବେ ଓ ତଦ୍‌ନୁଯାୟୀ ଏକ ଆରେକକୁ ଆଦର ଓ ସମ୍ମାନ କରିପାରିବେ । ଏହି ପ୍ରକାରେ କୌଣସି ଦମ୍ପତିଙ୍କ ଦୁର୍ବଳତା ତାଙ୍କର ବାଧାର କାରଣ ହେବ ନାହିଁ କିମ୍ବା ଦୁର୍ବଳ ଦମ୍ପତି ନିଜ ଆତ୍ମସମ୍ମାନ ରକ୍ଷା କରିବା ପାଇଁ କୌଣସି ଭୁଲ ପନ୍ଥା ଅବଲମ୍ବନ କରିବେ ନାହିଁ । ଏହି ପ୍ରକାର ବୁଝାମଣା ଦ୍ୱାରା ଦମ୍ପତି ବିବାହ ବନ୍ଧନକୁ ସୁଦୃଢ଼ କରିପାରିବେ, ତଥା ସ୍ୱାମୀ–ସ୍ତ୍ରୀ ମଧ୍ୟରେ ଦେଖା ଯାଉଥିବା ମୃତ ପ୍ରାୟ ସମ୍ପର୍କ କିମ୍ବା ବିଚ୍ଛେଦ ଅବସ୍ଥାରୁ ପରିବାରକୁ ରକ୍ଷା କରିପାରିବେ ।

୫. ଖ୍ରୀଷ୍ଟୀୟ ପରିବାରରେ ଦମ୍ପତି ଯିଏ ନିଜ ଜୀବନକୁ ଖ୍ରୀଷ୍ଟଙ୍କ ଦ୍ୱାରା ମୁକ୍ତିର ଚିତ୍ରରେ ଚିତ୍ରିତ କରିପାରିଛନ୍ତି, ସେ ଦୋଷଭାବନା ଓ କପଟ ରହିତ ଜୀବନ କାଟିପାରିବେ । ସେମାନେ ଅଣ–ଧର୍ମଶାସ୍ତ୍ରୀୟ ପରମ୍ପରାରୁ ମୁକ୍ତ ଏବଂ ଖ୍ରୀଷ୍ଟଙ୍କ ଠାରେ ଏକ ଆରେକର ଉତ୍ତରଦାୟୀ ଭାବେ ଆନନ୍ଦ କରିପାରିବେ । ଏହା କରିବା ଦ୍ୱାରା, ସେମାନେ ପବିତ୍ର ଧର୍ମଶାସ୍ତ୍ର ଅନୁସାରେ ଆଜ୍ଞାକାରୀ ଭାବରେ ପ୍ରକାଶିତ ହୋଇପାରିବେ, ଖ୍ରୀଷ୍ଟଙ୍କ ମୁକ୍ତିର ସନ୍ଧାନରେ ଥିବା ଅନ୍ୟ ଦମ୍ପତିମାନଙ୍କ ସମ୍ମୁଖରେ ଆଦର୍ଶ ହୋଇପାରିବେ ଏବଂ ମଣ୍ଡଳୀ ଓ ପରିବାର ଉପରେ ଥିବା ପୁରୁଷ ଓ ନାରୀଙ୍କ ଅଣଧିକାର ଓ ଅସମାନତାର ମୁକାବିଲା କରିପାରିବେ ।

**ଆମ୍ଭେମାନେ ବିଶ୍ୱାସ କରୁ ଯେ ଉପରୋକ୍ତ ଲିଖିତ ତତ୍ତ୍ୱ ପବିତ୍ର ଧର୍ମଶାସ୍ତ୍ର ଅନୁସାରେ ସତ୍ୟ ଅଟେ ।**

**ଆମ୍ଭେମାନେ ଏହି ବିଶ୍ୱାସରେ ଏକବଦ୍ଧ ଯେ ବାଇବଲ ସମ୍ପୂର୍ଣ୍ଣତାରେ ମୁକ୍ତକାରୀ ପରମେଶ୍ୱରଙ୍କ ବାକ୍ୟ, ଯାହା ପୁରୁଷ ଓ ନାରୀଙ୍କୁ ସର୍ବାଧିକ ଉପଯୁକ୍ତ ମାର୍ଗ ପ୍ରଦାନ କରେ, ଯେପରି ସେମାନେ ପବିତ୍ର ଆତ୍ମାଙ୍କ ପ୍ରାପ୍ତ ହୋଇଥିବା ଆତ୍ମିକ ଦାନ ସମ୍ପୂର୍ଣ୍ଣତାରେ ପରମେଶ୍ୱରଙ୍କ ସେବାରେ ବ୍ୟବହାର କରିପାରିବେ ।**

---

**ଲେଖକ :** ଗିଲ୍‌ବର୍ଟ ବିଲେଜେକିଆନ, ଡବ୍‌ଲ୍ୟୁ ୱାର୍ଡ଼ ଗେସ୍କ୍ୟୁ, ଏନ୍.ଗିଣ୍ଡ୍ରି, ଗ୍ରେଚେନ ଗୈବେଲିଅନ୍ ହଲ୍, କୈଥରିନ କ୍ଲାର୍କ କ୍ରୋଇଜର୍, ଯୋ ଏନ୍ ଲିୟାନ୍, ରୋଜର ନିକାଲ ।

ପରବର୍ତ୍ତୀ ଯୋଗଯୋଗ ପାଇଁ ଠିକଣା :
(C) 1989 ଖ୍ରୀଷ୍ଟିୟାନ ଫର୍ ବିବ୍ଲିକାଲ୍ ଇକ୍ୱାଲିଟି

ଖ୍ରୀଷ୍ଟିୟାନ ଫର୍ ବିବ୍ଲିକାଲ୍ ଇକ୍ୱାଲିଟି, 122 ୱେଷ୍ଟ୍ ଫ୍ରାଙ୍କଲିନ୍ ଏଭେନ୍ୟୁ, ସୁଟ୍– 610 , ମିନିଆପୋଲିସ୍, ମିନିସୋଟା, ଆମେରିକା 55404-2426

E-mail : cbe@cebinternational.org
www.cbeinternational.org
ଫୋନ୍ : (612) 872-6898,